## ସମ୍ବାଦ
## ତାରିଖ: ୨୪.୦୨.୨୦୨୬

# ବିଆଇଆଇଟିଏମ୍‌ର କ୍ରୀଡ଼ା ଉତ୍ସବ




ଚନ୍ଦ୍ରଶେଖରପୁର, ୨୩/୨(ଇମିସ): ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେସନ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜ୍‌ମେଣ୍ଟ ଷ୍ଟଡିଜ୍ (ବିଆଇଆଇଟିଏମ୍)ର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରେଳ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଉତ୍ସବରେ ବିଆଇଆଇଟିମ୍ ଅଧ୍ୟକ୍ଷ ପ୍ରଫେସର ମିହିର ରଞ୍ଜନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୃଙ୍ଖଳା, ସ୍ଥିରତା, ନେତୃତ୍ୱ ଓ ସାମଗ୍ରିକ ବ୍ୟକ୍ତିତ୍ୱ ବିକାଶରେ କ୍ରୀଡ଼ାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କ୍ରିକେଟ୍ ସମେତ ବ୍ୟାଡ୍‌ମିଣ୍ଟନ, କ୍ୟାରମ୍, ଚେସ୍, ଟେବୁଲ ଟେନିସ୍ ପରି କ୍ରୀଡ଼ା ଏହି ପ୍ରତିଯୋଗିତାରେ ଅନ୍ତର୍ଭୁକ୍ତ ରହିଥିଲା। ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ବିଭିନ୍ନ କ୍ରୀଡ଼ାର ବିଜେତା ଓ ଅଂଶଗ୍ରହଣକାରୀଙ୍କୁ ପ୍ରଶଂସା କରାଯାଇଥିଲା।